# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 13 December – 2025

*********************************

## ମୁଖ୍ୟ ସମ୍ବାଦ

- ୨୦୦୧ ସଂସଦ ଆକ୍ରମଣରେ ସହିଦ ସୁରକ୍ଷାକର୍ମୀଙ୍କ ସାହସ, ବୀରତ୍ୱ ଓ ତ୍ୟାଗକୁ ଆଜି ଦେଶ କରୁଛି ସ୍ମରଣ

– ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ରାଜ୍ୟରେ ରେଳଲାଇନ୍ ନିର୍ମାଣ ବର୍ଷକୁ ହାରାହାରି ସାଢ଼େ ୩ ଗୁଣ ବୃଦ୍ଧି ପାଇଛି; କହିଲେ ରେଳମନ୍ତ୍ରୀ

- ଭୁବନେଶ୍ୱରରେ ଆୟୋଜିତ ହେଉଛି ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ 'ପୂର୍ବୋଦୟ ପ୍ରସ୍ପେକ୍ଟିଭ୍-୨୦୨୫'

ଏବଂ

- ରାଜ୍ୟରେ ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ଜାରି ରହିବ ଶୀତର ପ୍ରକୋପ; ପାଣିପାଗ କେନ୍ଦ୍ରର ସୂଚନା

# ପାର୍ଲାମେଣ୍ଟ ଆଟାକ୍ ଆନିଭର୍ସାରୀ

ଦେଶ’ ୨୦୦୧ ମସିହା ଆଜିର ଦିନରେ ସଂସଦ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ସହିଦ୍ ସୁରକ୍ଷା କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସହିଦ୍ ସୁରକ୍ଷାକର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ, ସେମାନଙ୍କ ସାହସ, ବୀରତ୍ୱ ଓ ତ୍ୟାଗ ପ୍ରତି ଦେଶ ସର୍ବଦା କୃତଜ୍ଞ ହୋଇ ରହିବ ବୋଲି କହିଛନ୍ତି। ଯେକୌଣସି ଆତଙ୍କବାଦର ମୁକାବିଲା କରିବା ଲାଗି ଭାରତ ପ୍ରସ୍ତୁତ ଅଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ସଂସଦ ଉପରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ସୁରକ୍ଷାକର୍ମୀଙ୍କ ପ୍ରତି ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସଂସଦ ଆକ୍ରମଣରେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଭାରତୀୟ ଗଣତନ୍ତ୍ରର ପବିତ୍ର ମନ୍ଦିର ସଂସଦ ଉପରେ ଘଟିଥିବା ଭିରୁତାପୂର୍ଣ୍ଣ ଆତଙ୍କବାଦୀ ଆକ୍ରମଣ ସମୟରେ ଭାରତମାତାର ରକ୍ଷା ପାଇଁ ନିଜ ପ୍ରାଣ ଆହୁତି ଦେଇଥିବା ସମସ୍ତ ବୀର ପ୍ରହରୀ ନିଜ ଦୃଢ଼ ସାହସ, ଅଦ୍ୱୈତୀୟ ପରାକ୍ରମ ଓ ସର୍ବୋଚ୍ଚ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇଥିବା ଶ୍ରୀ ପ୍ରଧାନ କହିଛନ୍ତି।

Desk

## ରେଳ ବଜେଟ୍ ଆବଣ୍ଟନ

ଓଡ଼ିଶାକୁ ରେଳ ବଜେଟ୍ ଆବଣ୍ଟନ ୧୩ ଗୁଣା ବୃଦ୍ଧି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ରାଜ୍ୟକୁ ମାତ୍ର ୮୩୮ କୋଟି ଟଙ୍କାର ରେଳ ବଜେଟ୍ ଆବଣ୍ଟନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ୧୩ ଗୁଣା ଅର୍ଥାତ୍ ୧୦ ହଜାର ୫୯୯ କୋଟି ଟଙ୍କାର ରେଳ ବଜେଟ୍ ଦିଆଯାଇଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ନୂଆ ରେଳ ଟ୍ରାକ୍ ନିର୍ମାଣ ମଧ୍ୟ ବାର୍ଷିକ ହାରାହାରି ସାଢ଼େ ୩ ଗୁଣା ବୃଦ୍ଧି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ୨୬୭ କିଲୋମିଟର ନୂଆ ରେଳଟ୍ରାକ୍ ନିର୍ମାଣ କରାଯାଇଥିବା ବେଳେ ୨୦୧୪ରୁ ୨୦୨୫ ମସିହା ମଧ୍ୟରେ ବାର୍ଷିକ ହାରାହାରି ୧୯୫ ଦଶମିକ ୪/୫ ନୂଆ ରେଳଲାଇନ୍ ନିର୍ମାଣ କରାଯାଇଛି। ଏହି ଅବଧି ମଧ୍ୟରେ ମୋଟ୍ ୨ ହଜାର ୧୫୦ କିଲୋମିଟର ରେଳଲାଇନ୍ ବିଛା ଯାଇଥିବା ସୂଚନା ଦେଇଛନ୍ତି। ଏପ୍ରିଲ ୨୦୨୫ ସୁଦ୍ଧା ୧୯ଟି ନୂଆ ରେଳଲାଇନ୍ ଏବଂ ୩୦ଟି ଦୋହରୀକରଣ ପ୍ରକଳ୍ପ ସମେତ ଓଡ଼ିଶାରେ ସମ୍ପୂର୍ଣ୍ଣ ଏବଂ ଆଂଶିକ ଭାବେ ୪୯ଟି ରେଳପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏଥିପାଇଁ ୬୭ ହଜାର ୪୯୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଝାରସୁଗୁଡ଼ା–ସମ୍ବଲପୁର–ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ ସମେତ ସମସ୍ତ ବ୍ରଡ୍‌ଗଜ୍ ନେଟୱାର୍କକୁ ବିଦ୍ୟୁତିକରଣ କରାଯାଇଛି। ଭାରତୀୟ

ରେଳବାଇ ଅଧିକ ମାଲ ପରିବହନ ଲାଗି ଦେଶରେ ୧୨୦ଟି ଗତିଶକ୍ତି ବହୁମୁଖୀ କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ କରିଥିବା ବେଳେ ଓଡ଼ିଶାରୁ ୧୦ଟି ସ୍ଥାନ ଏଥିରେ ସାମିଲ ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

HS

## ଏନର୍ଜି ଫୋରମ୍

ଭୁବନେଶ୍ୱରରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ପୂର୍ବୋଦୟ ପ୍ରସ୍ପେକ୍ଟିଭ୍-୨୦୨୫ ଆୟୋଜିତ ହେଉଛି । ଓଡ଼ିଶା ସମେତ ପୂର୍ବୋଭାରତ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ସହ ଦକ୍ଷିଣ ପୂର୍ବ ଏସିଆକୁ ଯୋଡ଼ିବା ପାଇଁ ଥିବା ସମ୍ଭାବନାକୁ ନେଇ ଏହି ଦୁଇଦିନିଆ ସମାବେଶରେ ମାନସ ମନ୍ଥନ ହେବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ନେପାଳର ରାଷ୍ଟ୍ରଦୂତ ଡକ୍ଟର ଶଙ୍କର ପ୍ରସାଦ ଶର୍ମା, କେନ୍ଦ୍ର ବୈଦେଶିକ ବ୍ୟାପାର ଯୁଗ୍ମ ସଚିବ ଅପର୍ଣ୍ଣା ରାୟ, ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକର ପ୍ରତିନିଧି, ବୁଦ୍ଧିଜୀବୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏନର୍ଜି ଫୋରମ୍, କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ସି.ଆଇ.ଆଇ.ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

Ganjam

# ମାଣ୍ଡିଆ କ୍ରୟ କମିଟି

ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀଙ୍କ କକ୍ଷରେ ମାଣ୍ଡିଆ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୨୬ ତାରିଖରୁ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୧୧ଟି ବ୍ଲକରୁ ପଞ୍ଜୀକୃତ ଚାଷୀଙ୍କଠାରୁ ମାଣ୍ଡିଆ କ୍ରୟ ପାଇଁ ନିଷ୍ପତ୍ତି ନିଆଯାଇଛି । ଚଳିତ ଥର ୩୬ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତ ଅକ୍ଟୋବର ୨୨ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଷୀମାନେ ନାମ ପଞ୍ଜୀକରଣ ପାଇଁ ସ୍ଥିରୀକୃତ ହୋଇଛି ।  ବର୍ତ୍ତମାନ ଯାଏଁ ୮ ହଜାର ୭୩୫ ଜଣ ଚାଷୀ ପଞ୍ଜୀକରଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

Desk

# କପା ବିକ୍ରୟ

ଚଳିତ ବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟରେ କପା ବିକ୍ରୟ ନିମନ୍ତେ କପା ଚାଷୀଙ୍କ ପାଇଁ କପାସ୍ କିଷାନ ମୋବାଇଲ ଆପ୍‌ରେ ସ୍ୱ-ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି । ପଞ୍ଜୀକରଣର ଶେଷ ତାରିଖ ୩୧ ଡିସେମ୍ବର ରହିଥିବା ବେଳେ ଏଥିପାଇଁ କେତୋଟି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜମି ରେକର୍ଡର ତଥ୍ୟ, ଗ୍ରାମ୍ୟ କୃଷି କର୍ମଚାରୀ ଅଥବା କୃଷି ଓଭରସିୟରଙ୍କ ଦ୍ୱାରା କପା ଫସଲର ପ୍ରମାଣପତ୍ର, ଆଧାର ସହ ସଂଯୋଗୀକୃତ ବ୍ୟାଙ୍କଖାତା, ହିତାଧିକାରୀଙ୍କ ପାସପୋର୍ଟ ଫଟୋ ଆଦିକୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଧିକ ସୂଚନା ପାଇଁ ନିକଟସ୍ଥ

ଭାରତୀୟ କପା ନିଗମର ଅଧିକାରୀ ଅଥବା ନିୟନ୍ତ୍ରିତ ବଜାର କମିଟି ସହ ଯୋଗାଯୋଗ କରିପାରିବେ । କୃଷି ସମୃଦ୍ଧି ହେଲପ୍ ଲାଇନ୍ ନମ୍ବର ୧୫୫- ୩୩୩ ଅଥବା ସି.ସି.ଆଇ. ହେଲପଲାଇନ୍ ନମ୍ବର ୬୩୭୦-୦୧୧- ୯୨୦କୁ କଲ୍ କରି ଜରୁରୀ ତଥ୍ୟ ଜାଣିପରିବେ ।

Desk

# ଆଲୋଚନାଚକ୍ର

ଓଡ଼ିଶା ବାର୍ ଆସୋସିଏସନ୍ ପକ୍ଷରୁ ଆସନ୍ତାକାଲି କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ମଧ୍ୟ ସାମିଲ ହେବେ । ବାର୍ ଆସୋସିଏସନ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ : ମାମଲା ଖର୍ଚ୍ଚ ଓ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହି ଅବସରରେ ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ।

Desk

# ଡ୍ରାଏ ରନ୍

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସମ୍ପୂର୍ଣ୍ଣ କୁହୁଡ଼ି ପ୍ରସ୍ତୁତି ପାଇଁ ଡ୍ରାଏ ରନ୍ କରାଯାଇଛି । ଏ.ଟି.ସି., ସମସ୍ତ ବିମାନ ସେବା ସଂସ୍ଥା, ସି.ଆଇ.ଏସ୍.ଏଫ୍., ଅଗ୍ନିଶମ ସେବା, ଇଞ୍ଜିନିୟରିଂ, ବିମାନ

ବନ୍ଦର ପରିଚାଳନା ବିଭାଗ, ପାଣିପାଗ ଅଧିକାରୀ ପ୍ରମୁଖ ସାମିଲ ହୋଇଛନ୍ତି । କୁହୁଡ଼ିକୁ ଦୃଷ୍ଟିରେ ରଖି ବିମାନ ଚଳାଚଳ ସୁରକ୍ଷିତ, ସୂଚାରୁ ଓ ନିରବିଘ୍ନ ଯାତ୍ରୀ ସୁବିଧା ଓ କାର୍ଯ୍ୟକୁଶଳତାକୁ ପ୍ରାଥମିକତା ଦେବା ଉଦ୍ଦେଶ୍ୟରେ ଏହି ଡ୍ରାଏ ରନ୍ କରାଯାଇଛି । କୁହୁଡ଼ି ସମ୍ବନ୍ଧୀୟ ଯେକୌଣସି ବିମାନ ଚଳାଚଳ ତତ୍କାଳ ସୂଚନା ପ୍ରଦାନ ପାଇଁ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ଅପରେସନ୍ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । ଏହି କଣ୍ଟ୍ରୋଲ ରୁମ୍‌ର ଯୋଗାଯୋଗ ନମ୍ବର ରହିଛି– ୯୪୩୭-୦୯୧-୮୨୯ ।

BHK

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଯୋଗଦେଇ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ପ୍ରତ୍ୟେକ ସାଧାରଣ ଲୋକଙ୍କ ପାଇଁ ଉନ୍ନତ ତଥା ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥିତ ସୁବିଧାର ଆବଶ୍ୟକତା ରହିଛି ବୋଲି ମତ ରଖିଛନ୍ତି । ସ୍ୱାସ୍ଥ୍ୟ ଓ ସୁବିଧା ସମସ୍ତେ ସମାନ ଭାବରେ ଯେଭଳି ପାଇପାରିବେ ସେ ନେଇ ଶ୍ରୀ ରଥ ପରାମର୍ଶ ଦେଇଥିଲେ ।

Dhenkanal

## ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ପୁଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ

ହୋଇଯାଇଛି। ପଥର ଓ ବାଲି ଚୋରାଚାଲାଣ ରୋକିବା ନିମନ୍ତେ ନିୟମିତ ଭାବେ ରାତିରେ ଚଢ଼ାଉ କରିବାକୁ ଜିଲ୍ଲାପାଳ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ଘଟୁଥିବା କ୍ରସରଗୁଡ଼ିକର ଯାଞ୍ଚ କରିବା ସହ ଅନିୟମିତତା ଅବଲମ୍ବନ କରୁଥିବା କ୍ରସରଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ସ୍କୁଲ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଦିନବେଳେ ଭାରିଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ପାଇଁ ଆର୍.ଟି.ଓ.ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

Nayagarh

## ପଠାଣି ସାମନ୍ତ ଜୟନ୍ତୀ ପାଳିତ

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସାମନ୍ତଚନ୍ଦ୍ରଶେଖର ସ୍ମୃତି ମନ୍ଦିର ପକ୍ଷରୁ ପଠାଣି ସାମନ୍ତଙ୍କ ୧୯୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପଠାଣି ସାମନ୍ତଙ୍କ ଅପୂର୍ବ ପାଣ୍ଡିତ୍ୟ ଓ କୃତିତ୍ୱ ଯୋଗୁଁ ବିଶ୍ୱ ଦରବାରରେ ଓଡ଼ିଶା ଗୌରବାନ୍ୱିତ ହୋଇଛି ବୋଲି କହିଛନ୍ତି।

Gajapati

## ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର

ଗଜପତି ଜିଲ୍ଲାରେ ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର’ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ବର୍ଷରୁ ଏବଂ ୧୦

ବର୍ଷ ପର୍ଯ୍ୟନ୍ତ ଅଚଳ ଥିବା ବ୍ୟାଙ୍କଖାତାରେ ଜମା ରହୁଥିବା ଟଙ୍କା ଦାବିହୀନ ଜମାରାଶିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଡି.ଇ.ଏ. ପାଣ୍ଠିକୁ ସ୍ଥାନାନ୍ତର କରାଯିବା ବିଷୟରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସଚେତନ କରାଯାଇଛି ।

Raygada

## ପ୍ରବେଶିକା ପରୀକ୍ଷା

ରାୟଗଡ଼ା ଜିଲ୍ଲା ଜବାହର ନବୋଦୟ ବିଦ୍ୟାଳୟରେ ଷଷ୍ଠଶ୍ରେଣୀରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି । ଜିଲ୍ଲାର ୨୨ଟି କେନ୍ଦ୍ରରେ ୪ ହଜାର ୨୨୫ ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି ।

Subarnpur

# ବୈଠକ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ବୀରମହାରାଜପୁର ଏବଂ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍‌ଦାନ କେନ୍ଦ୍ରଗୁଡ଼ିକର ପୁନର୍ଗଠନ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି ।

Raygada

# କ୍ରିକେଟ୍

ରାୟଗଡ଼ା ରାଣୀଗୁଡ଼ା ଫାର୍ମ ନିକଟସ୍ଥ ପଡ଼ିଆରେ ବିଜୁ ପ୍ରିମିୟର ଲିଗ୍ ୨୦୨୫ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି ।

ଆସନ୍ତା ୧୩ଦିନ ଧରି ଚାଲିବାକୁଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ୨୪ ତାରିଖରେ ଅନୁଷ୍ଠିତ ହେବ ।

Desk

# ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟରେ ଶୀତର ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଗତକାଲି ୧୫ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିବା ବେଳେ ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି ।